## ବେଆଇନ ବାଲି ପରିବହନ: ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ,(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ମଣିନାଥପୁର ଗ୍ରାମ ସ୍ଥିତ ବୈତରଣୀ ନଦୀରୁ ବୁଧବାର ସକାଳେ ବେଆଇନ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ସ୍ଥାନୀୟ ପୋଲିସ ଜବତ କରିଛି। ଟ୍ରାକ୍ଟର ଚାଳକ ମଣ୍ଟୁ ଦାସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରଛି। ଏନେଇ ଥାନାରେ ମାମଲା (ନଂ.୨୯୧/୨୧) ରୁଜୁ ହୋଇଛି।



## ସଂକ୍ଷେପରେ

### କୋଟିପତି ଏସ୍‌ଡିଓ ଗିରଫ

କେନ୍ଦୁଝର, ୨୨।୯(ଡି.ଏନ.ଏ./ସ୍ୱ.ପ୍ର.): ଶେଷରେ ଭିଜିଲାନ୍ସ ହାତରେ ବନ୍ଧା ହୋଇଛନ୍ତି ବିଦ୍ୟୁତ୍ ବିଭାଗର କୋଟିପତି ଏସ୍‌ଡିଓ ମହେଶ୍ୱର ସେଠୀ। ମଙ୍ଗଳବାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାଙ୍କ କେନ୍ଦୁଝର ସ୍ୱଞ୍ଜ କଲୋନୀ ଘର ସମେତ ୫ଟି ସ୍ଥାନରେ ଚଢ଼ାଉ କରି ୨.୫୭ କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ତାଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିଲା। ତାଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ବୁଧବାର କେଶ (ନଂ.୧୭/୨୦୨୧) ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

### ପୁଣି ବଢ଼ୁଛି ବୈତରଣୀ

ଭଣ୍ଡାରିପୋଖରୀ,୨୨।୯(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ଜଳସ୍ତର ବୁଧବାର ସନ୍ଧ୍ୟା ୭ଟାରୁ ବଢ଼ିବା ଆରମ୍ଭ କରିଛି। ଆଖୁଆପଦାଠାରେ ବୈତରଣୀ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୧୭.୨୫ ମିଟର ଛୁଇଁଥିଲା। ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଚମ୍ପୁଆରେ ୯୮.୪ ମି.ମି., ଠାକୁରମୁଣ୍ଡାରେ ୧.୪ ମି.ମି., କେନ୍ଦୁଝରରେ ୧୨.୦, ସ୍ୱାମପାଟଣାରେ ୪.୨, ଆନନ୍ଦପୁରରେ ୦.୨ ଓ ଆଖୁଆପଦାରେ ୧୯.୦ ମି.ମି. ରେକର୍ଡ କରାଯାଇଛି। ତେବେ ବନ୍ୟା ଆଶଙ୍କା ନ ଥିବା ଆଖୁଆପଦା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ସୂଚନା ଦେଇଛନ୍ତି।

### କେନାଲରେ ବୁଡ଼ିଗଲେ ଯୁବକ

କୁଳିଅଣା,୨୨।୯(ଡି. ଏନ.ଏ.)-ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ କଉଟୁଣୀମାରି ଗ୍ରାମର ମୁନା ଭକ୍ତା(୩୫) ବୁଧବାର ମଧ୍ୟାହ୍ନରେ କେନାଲକୁ ମାଛ ଧରିବାକୁ ଯାଇଥିବା ବେଳେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଚାନ୍ଦୁଆ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୧) ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ଢାବା କର୍ମଚାରୀ ମୃତ

ପାଟଣା,୨୨।୯(ସ୍ୱ .ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ କଲିକତା ଜାତୀୟ ରାଜପଥର ହାତିବାରୀ ନିକଟରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ଢାବା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାହାରପଡା ବ୍ଲକ ମଲାରପଦା ପଞ୍ଚାୟତ ଯାମଦା ଗ୍ରାମର ସନ୍ତୋଷ ନାଏକ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦୫/୨୧) ରୁଜୁ ହୋଇଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର ୨୨।୯ (ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବେଲପଶି ଗ୍ରାମରେ ଭାଲୁ ଆକ୍ରମଣରେ ଭକ୍ତବନ୍ଧୁ ମହାନ୍ତ ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ବୁଧବାର ସକାଳ ପାଖ ଜଙ୍ଗଲ ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଯିବାବେଳେ ଭାଲୁ ହାବୁଡରେ ପଡିଯାଇଥିଲେ। ଭାଲୁଟି ତାଙ୍କୁ ମୁଣ୍ଡକୁ ଆକ୍ରମଣ କରିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ଷଣ୍ଢ ଆକ୍ରମଣରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୁରୁତର

ପଦ୍ମପୁର, ୨୨।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ର କୁମାର ପରିଡ଼ା ବୁଧବାର ଷଣ୍ଢ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ କରଞ୍ଜଆଡ଼ିଆରୁ ବସ୍ ଯୋଗେ ବାସୁଦେବପୁରରେ ପହଞ୍ଚି ସ୍ଥାନୀୟ ଦୋକାନକୁ ଯାଇଥିଲେ। ଏହି ସମୟରେ ଦୁଇଟି ଷଣ୍ଢ ମରାମରି ଲାଗି ତାଙ୍କ ଉପରକୁ ଚଢ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଉଚ୍ଛୁଳିଲା ଜମ୍ବୀରା ନଦୀ

- ୩ ବ୍ଲକ ପ୍ରଭାବିତ
- ବୁଡ଼ିଛି ଚାଷଜମି

ବାରିପଦା ଅଫିସ,୨୨।୯

ଲଘୁଚାପ ଜନିତ ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲାର ତିନୋଟି ବ୍ଲକ ଅଞ୍ଚଳ ପ୍ରଭାବିତ ହୋଇଛି। ରାସଗୋବିନ୍ଦପୁର, ଶୁଳିଆପଦା ଓ ମୋରଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ ଓ ପରିବା ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ରାସ୍ତାରେ ଘାଇ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ସୂଚନା ଅନୁଯାୟୀ, ଜିଲାର ଶୁଳିଆପଦା ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜିଲାର ଶୁଳିଆପଦା ବ୍ଲକରେ ୨୦୫ମିମି, କୁଳିଅଣାରେ ୧୭୪ମିମି, ସାରସକଣାରେ ୧୧୧ମିମି, ବାଙ୍ଗରିପୋଷିରେ ୮୩.୪ମିମି, ବହଳଦାରେ ୫୭.୨ମିମି ଓ ତିରିଂରେ ୧୧୬.୨ମିମି ବର୍ଷା ହୋଇଛି। ଫଳରେ ରାସଗୋବିନ୍ଦପର ବ୍ଲକ ଦେଇ ପ୍ରବାହିତ ହେଉଥିବା ଜମ୍ବୀର ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ୧୪ଟି ଗାଁ ପାଣି ଘେରରେ ରହିଛି। ସେଥିମଧ୍ୟରେ ରାସଗୋବିନ୍ଦପୁର ପଞ୍ଚାୟତର କାଟୁନୀ, ତୋଟାପଡା ପଂଚାୟତର ମୋରଡା ଓ ହାଣ୍ଡିଧୁଆ, ରାଘବପୁର ପଞ୍ଚାୟତର ଏକତାଳୀ, ସାତଶହଗଡିଆ, ଭୈରଙ୍ଗୀ, ସାନମାଣିଦା ପଞ୍ଚାୟତର ପଦ୍ମତଳିଆ ଆଦି ଗ୍ରାମ ପାଣି ଘେର ଭିତରେ ରହିଛି। ପ୍ରଶାସନ ପକ୍ଷରୁ ୨୫୦ରୁ ଉର୍ଦ୍ଧ୍ୱ ପରିବାରର ୨,୯୩୦ଲୋକଙ୍କୁ ଉଦ୍ଧାର କରାଯାଇ ୯ଟି ଆଶ୍ରୟସ୍ଥଳୀରେ ରଖି ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି। ସେହିପରି ରାଘବପୁର ପଞ୍ଚାୟତ ବଡାମପୁର-ଏକତାଳୀ ନିକଟରେ ଥିବା ବନ୍ଧରେ ଘାଇ ସୃଷ୍ଟି ହୋଇ ୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇ ଚାଷ ନଷ୍ଟ ହୋଇଥିବା ଜଣାପଡିଛି। ଓଡ୍ରାଫ ଟିମ ଓ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଡିଓ ଅରୁଣ କୁମାର ଖଣ୍ଡା, ତହସିଲଦାର ନିର୍ଲିପ୍ତା ମହାନ୍ତି ଓ ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହି ଲୋକଙ୍କୁ ସଚେତନ କରିବା ସହ ଥଇଥାନ କରୁଛନ୍ତି। ଘର ମଧ୍ୟରେ ପାଣି ପଶି ଥିବାରୁ ଲୋକେ ରୋଷେଇ କରି ଖାଇବା ସମ୍ଭବ ହୋଇପାରି ନାହିଁ। ସେଥିପାଇଁ ସେହି ଅଞ୍ଚଳର ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ବିଡିଓ ପରିକ୍ଷୀତ ଜେନା ପ୍ରକାଶ କରିଛନ୍ତି। ବନ୍ୟାରେ ପ୍ରଭାବିତ ହୋଇଥିବା ଘର ଗୁଡିକୁ ପଲିଥିନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଏକତାଳି ଗ୍ରାମରେ ବନ୍ୟାପାଣି ଘେରରେ ରହିଥିବା ଏକ ଘର।

# ସରିଲା ୨ ପାଣି ପଞ୍ଚାୟତ ନିର୍ବାଚନ

ବନ୍ତ,୨୨।୯(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଜଳସେଚନ କାର୍ଯ୍ୟାଳୟ ସେକ୍ସନ-୨ ଅଧୀନ ୨୫ ଓ ୨୯ ନଂ. ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ ଦୁଇଦିନ ଧରି କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨୫ ନଂ. ପାଣି ପଞ୍ଚାୟତ ସଭାପତି ଭାବେ ଉପେନ୍ଦ୍ର ସେଠୀ, ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ ଓ କୋଷାଧ୍ୟକ୍ଷ ଭାବେ ରଜତ କୁମାର ମୈକାପ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ୨୯ ନଂ. ପାଣି ପଞ୍ଚାୟତ ସମ୍ପାଦକ ଭାବେ ଫକୀର ଚରଣ ରାଉତ ଓ କୋଷାଧ୍ୟକ୍ଷ ଭାବେ ପର୍ଶୁରାମ ଜେନା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବେଳେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୨ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ୍ ପାଇଥିବାରୁ ସେମାନଙ୍କ ମଧ୍ୟରେ ଗୁଳା ପକାଯାଇଥିଲା। ଏଥିରେ ଲିଜାରାଣୀ ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ରାଉତ ଓ ଇଂ. ମନୋଜ ସେଠୀ ନିର୍ବାଚନ ପରିଚାଳନା କରିଥିଲେ। କର୍ମଚାରୀ ଅମର ରାଉତ, ପ୍ରଶାନ୍ତ ରାଉତ, ସୁରେନ୍ଦ୍ର ନାୟକ ଓ ଭାଗବତ ଟୁଡୁ ସହଯୋଗ କରିଥିଲେ।

# ଚାଷଜମିରେ ମାଡ଼ିଗଲା ପଟୁ

ପଦ୍ମପୁର,୨୨।୯(ଡି.ଏନ.ଏ.)

ଲଗାଣ ବର୍ଷାରେ ଭଦ୍ରକ ସଦର ବ୍ଲକ ଦେଇ ବହି ଯାଇଥିବା ଧନନ୍ତରୀ, ସାଳନ୍ଦୀ, ଧଳା, କଞ୍ଚୁଡ଼ି, ମନ୍ତେଇ ଆଦି ବିଭିନ୍ନ ନଦୀରେ ବର୍ଷାଜଳ ପ୍ରବାହିତ ହୋଇଥିଲା। ବର୍ଷାପାଣି ମାଡ଼ି ଆସି ଶତାଧିକ ହେକ୍ଟର ଚାଷଜମି ଉପରେ ଜମି ରହିଥିଲା। ସଦର ବ୍ଲକର ସାବରଙ୍ଗ ପଞ୍ଚାୟତ ସାହାଡ଼ା, ହରିପୁର, ଧର୍ମସରଣବିନ୍ଧା, ପଦ୍ମପୁର ପଞ୍ଚାୟତର ସର୍ତ୍ତରପୁର, ସାନଅଗାପୁର, ବଡ଼ଅଗାପୁର, ସୁଗୋ ପଞ୍ଚାୟତର କାଞ୍ଚିଖିଆ, କୁସୁନବିନ୍ଧା, କଲ୍ୟାଣପୁର, ଏଡ଼ତାଳ ପଞ୍ଚାୟତର ଏଡ଼ତାଳ, ଲୁଙ୍ଗା ପଞ୍ଚାୟତର ବଡ଼କିଆରୀ, ମୌଳୁଡ଼ି, ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ବନ୍ଧସାହି, ସୁନାଭୁଇଁ, ଡାଙ୍ଗମାଳ, ପାଟସାହି ଓ ପାଳ, ବାଲିମେଦ ପଞ୍ଚାୟତର ଖସରବେଡ଼ି, ଆନ୍ଦୋଳା ପଞ୍ଚାୟତର କିଛି ଗ୍ରାମର ଚାଷଜମିରେ ବନ୍ୟାଜଳ ମାଡ଼ି ଯାଇଥିଲା। ଏବେ ଧିରେ ଧିରେ ବର୍ଷା କମିବା ଫଳରେ ବନ୍ୟାଜଳ କମିବାରେ ଲାଗିଛି। କିନ୍ତୁ ବନ୍ୟାର ପଟୁ ପାଣି ଧାନ ଫସଲ ଉପରେ ମାଡ଼ି ଯାଇ ଗଛ ପଚିଯିବା ସହ କଳା ପଡ଼ିଯାଇଛି। ପୁଣି ବର୍ଷା ହେଲେ ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।



# ରେଲୱେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କିକୋଟ, ୨୨।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସୀତାବିଞ୍ଜି ରେଲୱେ ଷ୍ଟେଶନ ନିକଟରେ ରହୁଥିବା ଜଣେ ଟ୍ରାକ୍ ମ୍ୟାନଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ସସ ଗ୍ରାମର ଚାନ୍ଦାଇ ମାରାଣ୍ଡି। ସେ ମାତ୍ର ୯ ଦିନ ହେଲା ବଦଳି ହୋଇ ସୀତାବିଞ୍ଜିକୁ ଆସିଥିଲେ। ସେ ଢେଙ୍କିକୋଟରେ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ସକାଳେ ସାଥିକର୍ମଚାରୀ ତାଙ୍କୁ ମୋବାଇଲ ଫୋନ କରିଥିଲେ। ମାତ୍ର ସେ ଫୋନ ନ ଉଠାଇବାରୁ ତାଙ୍କ ରୁମ ନିକଟକୁ ଆସି କବାଟ ବାଡେଇଥିଲେ। ସେ କବାଟ ନ ଖୋଲିବାରୁ ଢେଙ୍କିକୋଟ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୫୨/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ପୋଲିସ କହିଛନ୍ତି।

# ତହସିଲରେ ପଶିଲା ପାଣି

ଚମ୍ପୁଆ, ୨୨।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ଲାଗିରହିଥିବା ଲଗାଣ ବର୍ଷା ଫଳରେ ତହସିଲ କାର୍ଯ୍ୟାଳୟରେ ବର୍ଷାଜଳ ଲହଡି ମାରୁଥିବା ଦେଖିବାକୁ ମିଳିଛି। ଫଳରେ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ତହସିଲଦାର ସାଇସ୍ମିତା ହୋତା ନିଜ ଚୌକି ଛାଡି ଅତିରିକ୍ତ ତହସିଲଦାରଙ୍କ ଚୌକିରେ ବସି ଅଫିସ କାର୍ଯ୍ୟ କରିଥିଲେ। କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରରେ ବାହାରୁ ବର୍ଷାଜଳ ପଶି ଜମା ହୋଇ ରହିଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ପଛପଟଦେଇ ଭିତରକୁ ଯାତାୟତ କରୁଥିବା ବେଳେ ଏନଏସି ପକ୍ଷରୁ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଆରମ୍ଭ କରାଯାଇଛି।

# ବିଦ୍ୟୁତ୍ କାର୍ଯ୍ୟାଳୟରୁ ଟ୍ରାନ୍ସଫର୍ମର ଚୋରି

ସାରସକଣା,୨୨।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ଧାଙ୍ଗୁଡିଶୋଳ ସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରୁ ୩ଟି ଟ୍ରାନ୍ସଫର୍ମର ଚୋରି ହୋଇଛି। ଦୁଇଟି ୧୬କେଭି ଏବଂ ଗୋଟିଏ ୨୫କେଭିର ଟ୍ରାନ୍ସଫର୍ମର କେହି ଚୋରାଇ ନେଇଥିବା ଥାନାରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ଆନ୍ତଃରାଜ୍ୟ ସୀମାରେ ଝାରପୋଖରିଆ ଥାନା ଅଞ୍ଚଳ ହୋଇଥିବାରୁ ଏଠାକୁ ପଶ୍ଚିମବଙ୍ଗ, ମୁର୍ଶୀଦାବାଦ ଓ ବିହାରରୁ କାମ ତଥା ଫେରି କରିବା ପାଇଁ ବହୁ ଲୋକ ଆସୁଛନ୍ତି। ଏମାନଙ୍କର ସମ୍ପର୍କରେ କୌଣସି ତଥ୍ୟ ସ୍ଥାନୀୟ ପୋଲିସ କିମ୍ବା ଜିଲା ପ୍ରଶାସନ ପାଖରେ ନାହିଁ। ଯାହାଫଳରେ ସେମାନଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାତିରେ ବୁଲିଲା ଦନ୍ତା

କୁଆମରା ୨୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ୍‌ରେ ଥିବା ହାତୀପଲ ମଧ୍ୟରୁ ଏକ ଦନ୍ତା ଖସି ଆସି ଗୋପବନ୍ଧୁନଗର ବ୍ଲକ ଧାଉଁଡିଆ ସଂରକ୍ଷିତ ଜଙ୍ଗଲକୁ ପଶିବା ପରେ ମଙ୍ଗଳବାର ଧାଉଁଡିଆ ଓ ବଡ଼ବଧା ଗ୍ରାମର ବିଭିନ୍ନ ବାଡିବଗିଚାରେ ପଶି ଫସଲ ନଷ୍ଟ କରିଥିଲା। ଫଳରେ ଭୟରେ ଲୋକଙ୍କ ନିଦ ହଜି ଯାଇଥିଲା। ତେବେ ଦନ୍ତାକୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଯାଇ ନ ଥିଲା। ପରେ ପ୍ରାୟ ରାତି ୩ଟା ରେ ନିଜ ଇଚ୍ଛାରେ ଦିଗ ପରିବର୍ତ୍ତନ କରି ନୀଳଗିରି ବ୍ଲକ ଦୁବାଟି ଗ୍ରାମ ଓ କାଠପାଳ ଦେଇ ମିତ୍ରପୁର ମୁହାଁ ହୋଇଥିଲା। ଖବରପାଇ ଉଦଳା ଓ କୁଆମରା ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀର ଗତିବିଧିକୁ ଲକ୍ଷ୍ୟ କରିବା ସହ ସୁରକ୍ଷା ଦେଇଥିଲେ। ଅନ୍ୟପଟେ ହାତୀ ସୁରକ୍ଷା ପାଇଁ ରାତି ତମାମ ୨୦ରୁ ଅଧିକ ଗ୍ରାମ ଅନ୍ଧାରରେ ଥିଲା। ତେବେ ବୁଧବାର ରାତିରେ ଦନ୍ତା ଫେରିବା ଆଶଙ୍କା ନେଇ ଲୋକମାନଙ୍କ ମଧ୍ୟରେ ଚିନ୍ତା ବଢିଛି। ଏଥି ପାଇଁ ବନବିଭାଗ ସଜାଗ ରହିଛି ବୋଲି ଫରେଷ୍ଟର ଧ୍ରୁବଚରଣ ବସନ୍ତିଆ କହିଛନ୍ତି।

# ଭାଗବତ ଜନ୍ମୋତ୍ସବ

ଖଇରା,୨୨।୯(ଡି.ଏନ.ଏ.)

ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକର ଦୁର୍ଗାମଣ୍ଡପଠାରେ ବୁଧବାର ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସନାତନ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁକ୍ତିକାନ୍ତ ଶତପଥୀ ମୁଖ୍ୟଅତିଥି, ବିଶିଷ୍ଟ ପ୍ରବଚକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, କୈଳାଶ ଚନ୍ଦ୍ର ପୃଷ୍ଟି ,କାଞ୍ଚନ ବ୍ରହ୍ମା କୁମାରୀ,ନିରଞ୍ଜନ ବେହେରା, ପଦ୍ମଲୋଚନ ଧର, ରଘୁନାଥ ପତ୍ରୀ, ରାଧାକାନ୍ତ ପାତ୍ର, ସନ୍ତୋଷ ଶତପଥୀ, ଅଧାପକ ପ୍ରବୋଧ କୁମାର ମହାପାତ୍ର, କରୁଣାକର ମହାନ୍ତି ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ମଣିଷ ଦୈନନ୍ଦିନ ଜୀବନରେ ଭାଗବତ ବାଣୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ଲାକୋ ବଦ୍ରାଙ୍କ ଜୟନ୍ତୀ

କପ୍ତିପଦା,୨୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ କାନକୁମୁରା ଠାରେ ହୋ ସମ୍ପ୍ରଦାୟର ମହାନ୍ ଗୁରୁ, ସାମାଜିକକର୍ମୀ ୱାରାଂଲିପିର ଆବିଷ୍କାରକ କୋଲ୍ ଗୁରୁ ଲାକୋ ବଦ୍ରାଙ୍କର ୧୦୨ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କାନକୁମୁରାଠାରେ ଥିବା 'ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ' ଦ୍ୱାରା ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ସ୍ଥାନୀୟ ବହୁ 'ହୋ' ଭାଷା ସମ୍ପ୍ରଦାୟର ଲୋକମାନେ ଯୋଗଦେଇ କୋଲ୍ ଗୁରୁ ଲାକୋ ବଦ୍ରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ବିରସା ବୁଲିଉଲିଙ୍କ ଅକ୍ଷତାରେ ଅନୁଷ୍ଠିତ ସଭାରେ ଚାମ୍ପାଏ ସିଂ ମୁଣ୍ଡି, ମାର୍କଣ୍ଡ ତିରିଆ, ଦର୍ଶନା ହନହଗା, ନାନ୍ଦୁ ସିଂ, ବୁଲିଉଲି, ମୁଚିରାମ ବୁଲିଉଲି, ପୂର୍ଣ୍ଣି ମୁଣ୍ଡି ପ୍ରମୁଖ ହୋ' ଭାଷାକୁ ସମ୍ବିଧାନର ଅଷ୍ଟମସୂଚୀରେ ସାମିଲ କରିବା ଧର୍ମକ୍ଷେତ୍ର କାନକୁମୁରାର ବିକାଶକରଣ ଦାବି ଉପରେ ବକ୍ତବ୍ୟ ରଖିଥିଲେ।

# ଗୋପାଳପୁର କଲେଜରେ 'ନାକ୍' ଟିମ୍

ବାହାନଗା,୨୨।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ମହାବିଦ୍ୟାଳୟକୁ ବୁଧବାର 'ନାକ୍' (ନ୍ୟାସ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିସନ୍ କାଉନସିଲ) କମିଟିର ସଦସ୍ୟ ପରିଦର୍ଶନରେ ଆସିଥିଲେ। ଏହି ଟିମ୍‌ରେ ଅହମଦାବାଦ କୃଷ୍ଣକୁମାରସିଂଜୀ ଭବଙ୍ଗ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ.ଶୈଳେଶର ଜାଲା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଡ. ରାଜେଶ ରମଣ, ରାଜସ୍ଥାନ ପକ୍କାବାଗ ଭରତପୁରର ମହାରାଜ ସୁରଜମଲ୍ ଶିକ୍ଷକ ତାଲିମ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅନିଲ୍ କୁମାର ଶ୍ରୀବାସ୍ତବ, ବାଙ୍ଗାଲୋର ଆରଭି ଇଂଜିନିୟରିଂ କଲେଜର ପ୍ରଫେସର ଡ.ମୁନିଶାମାହି କ୍ରିଷ୍ଣା ପ୍ରମୁଖ ସଦସ୍ୟ ସାମିଲ ଥିଲେ। ସେମାନେ ମହାବିଦ୍ୟାଳୟର କଳା ବାଣିଜ୍ୟ, ବିଜ୍ଞାନର ସମସ୍ତ ସମ୍ମାନ ବିଭାଗ ବୁଲିବା ଦେଖିବା ସହିତ ସ୍ମାର୍ଟ କ୍ଲାସ ମାଧ୍ୟମରେ ବିଭିନ୍ନ ବିଭାଗୀୟ ପ୍ରଶ୍ନ ଅଧ୍ୟକ୍ଷ ରମାକାନ୍ତ ସାହୁଙ୍କୁ ପଚାରିଥିଲେ। କଲେଜ ପରିସରରେ ଟିମ୍ ସଦସ୍ୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଅଚିହ୍ନା ମହିଳାଙ୍କୁ ଥଇଥାନ ଦାବି

ଚିତ୍ରଡ଼ା, ୨୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ମୋରଡ଼ା ବ୍ଲକ ତାଡ଼କି ପ୍ରାଥମିକ ବିଦ୍ୟାଳୟରେ ଜଣେ ମହିଳା ଗତ ସୋମବାରରୁ ଆସି ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏହି ମହିଳା କିଏ ଏବଂ କିପରି ସେଠାକୁ ପହଞ୍ଚିଲେ ଜଣାପଡିନାହିଁ। ଉକ୍ତ ମହିଳା ଜଣକ ବଙ୍ଗାଳି ଭାଷାରେ କଥା ନିଜ ସହିତ ହେଉଥିବାର ଦେଖିବାକୁ ମିଳିଛି। ତେବେ ସେହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପିତାମ୍ବର ମହାନ୍ତଙ୍କ କହିବା ଅନୁଯାୟୀ ସୋମବାର ଅପରାହ୍ନରେ ସେ ବର୍ଷାରେ ଭିଜିଭିଜି ସ୍କୁଲରେ ପହଞ୍ଚି ଆଶ୍ରୟ ନେଇଥିଲେ। ଦୁଇଦିନ ଲଗାଣ ବର୍ଷା ପରେ ବୁଧବାର ପାଗ ଠିକ ହେବାରୁ ସେ ମହିଳାଙ୍କ ବିଷୟରେ ବେତନଟୀ ଥାନା ଅଧିକାରୀ, ସିଆରସିସି ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି। ବିଡିଓ ସାଗର ପାଲ ଜିଲା ରେସ୍କ୍ୟୁ ଟିମ ସହ ଯୋଗାଯୋଗ କରି ଉକ୍ତ ମହିଳାଙ୍କୁ ଶୀଘ୍ର ଥଇଥାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

# ପୁରାତନ ଛାତ୍ର ସଂଘ ପକ୍ଷରୁ ଦାବିପତ୍ର

କେନ୍ଦୁଝର, ୨୨।୯ (ସ୍ୱ.ପ୍ର./ଡି.ଏନ.ଏ.)

ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜମିଜମା ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ନେଇ ପୁରାତନ ଛାତ୍ର ସଂଘ (ଆଲୁମିନି ଆସୋସିଏଶନ) ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ସମସ୍ତ ଜମିର ଚିହ୍ନଟ କରି ପଟ୍ଟା ପ୍ରଦାନ କରିବା ସହ ସମସ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ସେହିପରି କେନ୍ଦୁଝର ପୋରପାଳିକା ପକ୍ଷରୁ ବିନା କାରଣରେ ମହାବିଦ୍ୟାଳୟର ପାଚେରୀ ଭାଙ୍ଗିଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକଙ୍କୁ ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ଆଲୋକ ମିଶ୍ର, ବରୋଦା ପ୍ରସନ୍ନ ଦାସ, ଆଶୀଷ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅପରାହ୍ନରେ ଏକ ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମହାବିଦ୍ୟାଳୟର ବହୁ ପୁରାତନ ଓ ବର୍ତ୍ତମାନର ଛାତ୍ର, ଅଧ୍ୟାପକ ଉପସ୍ଥିତ ରହି ଆଲୋଚନା କରିଥିଲେ।

# କାନାରା ବ୍ୟାଙ୍କର ଗ୍ରାହକ ସମ୍ମିଳନୀ



କାନାରା ବ୍ୟାଙ୍କର କଷ୍ଟମର ମିଟ୍ କାର୍ଯ୍ୟକ୍ରମ।

ବାଲେଶ୍ୱର ଅଫିସ,୨୨।୯

ବାଲେଶ୍ୱର ଆଇଟିଆଇ ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ କାନାରା ବ୍ୟାଙ୍କ ପକ୍ଷରୁ କଷ୍ଟମର ମିଟ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଓଡ଼ିଶା ସର୍କଲ ମୁଖ୍ୟ ବିଏଲ୍ ମୀନା ଉଦ୍‌ଘାଟନ କରି କାନାଡ଼ା ବ୍ୟାଙ୍କ ସଦାସର୍ବଦା ଗ୍ରାହକଙ୍କ ସେବା ଉପରେ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ମୋତିଗଞ୍ଜ, ସହଦେବଖୁଣ୍ଟା, ଫୁଲୱାରକସବା, ରେମୁଣା, ନୀଳଗିରି ବ୍ରାଞ୍ଚର ଗ୍ରାହକଙ୍କ ସମେତ ବିଲଡର୍ସ, ଫର୍ ହ୍ୱିଲର ଶୋ'ରୁମ୍‌ର ପ୍ରତିନିଧି ଯୋଗଦେଇଥିଲେ। ସେମାନେ ସେମାନଙ୍କର ଅସୁବିଧା ଏବଂ ବ୍ୟାଙ୍କରୁ ପାଇଥିବା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ମୋତିଗଞ୍ଜ ବ୍ରାଞ୍ଚର ଆସିଷ୍ଟାଣ୍ଟ ମ୍ୟାନେଜର ପି.ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭଦ୍ରକ ରିଜିଓନାଲ ଅଫିସ୍‌ର ମୁଖ୍ୟ ଜେ.ପ୍ରକାଶ ବାବୁ, ମାର୍କେଟିଂ ଅଫିସର୍ ମୃତ୍ୟୁଞ୍ଜୟ ବେହେରା ଓ ଦେବଦ ତ୍ତ ସାହୁ, ଡିଭିଜନାଲ ମ୍ୟାନେଜର ସମ୍ବିତ ଶତପଥୀ ଓ ଗୋପାଳ ଶାହା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରି-ଆଡ୍‌ମିଶନ ଫି' ହ୍ରାସ ଦାବିରେ ବିକ୍ଷୋଭ


ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରିପଦା ଅଫିସ,୨୨।୯

ବାରିପଦା ତଖତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବୁଧବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। କୋଭିଡ୍ ମହାମାରୀ ସମୟରେ ରି-ଆଡ୍‌ମିଶନ ଫି' ହ୍ରାସ ଦାବିରେ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ବିଶ୍ୱବିଦ୍ୟାଳୟ ପକ୍ଷରୁ +୩ ଦ୍ୱିତୀୟ ବର୍ଷର ରି-ଆଡ୍‌ମିଶନ ପାଇଁ ଗତ ୧୮ ତାରିଖରେ ନୋଟିସ ଜାରି କରାଯାଇଥିଲା। ୨୪ ତାରିଖ ମଧ୍ୟରେ ଉକ୍ତ ଫି' ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବାରୁ ଗରିବ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ତାହା ସମ୍ଭବ ନୁହେଁ। ଛାତ୍ରୀଛାତ୍ର କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାରିଖ ଘୁଞ୍ଚାଇ ଦିଆଯାଇଥିଲା। ରି-ଆଡ୍‌ମିଶନ ଫି' ୭୦ ପ୍ରତିଶତ ହ୍ରାସ କରିବା ପାଇଁ ବହୁଦିନ ଧରି ଦାବି ହୋଇଆସୁଛି। ଅଦ୍ୟାବଧି କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଏକ ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସମାଧାନ ହୋଇ ନ ପାରିବାରୁ ବିକ୍ଷୋଭ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ପ୍ରକାଶ କରିଥିଲେ। ଦାବି ପୂରଣ କରା ନ ଗଲେ ଛାତ୍ର ଅଶାନ୍ତି ଜାରି ରହିବ ବୋଲି କୁହାଯାଇଛି।

